# Akashvani, Sambalpur

## SAMBALPURI NEWS BULLETIN

### 22 August 2025 - 6.47- 6.52 am.

**********************************************

ମୁଖ୍ୟମନ୍ତ୍ରୀ- ଶିକ୍ଷା ବିଭାଗ୍ ସମୀକ୍ଷା I&PR

ରାଏଜେ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ସୁନିଶ୍ଚିତ୍ କର୍‌ବାର୍ ଲାଗି ମାଧ୍ୟମିକ ଶିକ୍ଷା ପରିଷଦ୍ ଆଉ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ୍‌କେ ମିଶେଇକରି ଗୁଟେ ବୋର୍ଡ଼ ଗଠନ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଘୋଷ୍‌ନା କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍‌ର ସମୀକ୍ଷା କରିକରି ମୁଖ୍ୟମନ୍ତ୍ରୀ କହିଛନ୍, ଖୋବ୍ ଜଲ୍‌ଦି ୧୦ ଶ୍ରେଣୀତକ୍ ସବୁ ଛାତ୍ରଛାତ୍ରୀମାନ୍‌କୁ ମାହାଲିଆ ପାଠ୍‌ପଢ଼ା ବହି ଯୁଗେଇ ଦିଆଯିବା । ନୂଆଁ ଶିକ୍ଷାନୀତି ଅନ୍‌ସାରେ ୩ ବଛର୍ ଭିତ୍‌ରେ ପାଖାପାଖୁ ୪୫ ହଜାର୍ ନୂଆଁ ଶିକ୍ଷକ୍ ପଦ୍‌ବୀ ସୃଷ୍ଟି କରାଯିବା । ନିଯୁକ୍ତି ପାଇଥିବା ସ୍କିମାଟିକ୍ ପ୍ରାଥମିକ ଶିକ୍ଷକ୍‌ମାନ୍‌କୁ ଖୋବ୍ ଜଲ୍‌ଦି ନିୟମିତ କରାଯିବା । ଛାତ୍ରଛାତ୍ରୀମାନ୍‌କର୍ ସ୍ୱାସ୍ଥ୍ୟର୍ ସୁରକ୍ଷା ଲାଗି ଛାତ୍ରାବାସ୍ ମାନ୍‌କେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀମାନ୍‌କୁ ନିଯୁକ୍ତି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଛନ୍ । ସେନ୍ତା

କୋରାପୁଟ୍ ନ ବହୁଭାଷା ଶିକ୍ଷାକେନ୍ଦ୍ର ଥାପ୍‌ନା କର୍‌ବାର୍‌କେ ଭିଲ୍ ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ଘୋଷ୍‌ନା କରିଛନ୍ ।

ଜିଏପ୍‌ଟିସିଏଚ୍ ଉଦ୍‌ଘାଟନ୍ I&PR

ଭୁବନେଶ୍ୱରଠାନେ ଆଏଜ୍ ସମନ୍ୱିତ ବିଶ୍ୱ ଆର୍ଥିକ୍ ପ୍ରଯୁକ୍ତି ବିଦ୍ୟା ସାମର୍ଥ୍ୟ ହବ୍-ଭାରତ୍ ନେତ୍ରର ଶୁଭାରମ୍ଭ ହେବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇତାର୍ ଶୁଭାରମ୍ଭ କର୍‌ବେ । ଇ କେନ୍ଦ୍ର ବିଶ୍ୱସ୍ତରୀୟ ତାଲିମ୍, ଜ୍ଞାନ୍ ଆଦାନ୍ ପ୍ରଦାନ୍, ନୂଆଁ ସୃଜନ୍ ଆଉ ସାମର୍ଥ୍ୟ ଭାବେ ରାଏଜେ କାମ୍ କର୍‌ବା । ଇତାର୍ ଜରିଏ ୭ ହଜାର୍ ସ୍ନାତକଙ୍କର୍ ଲାଗି ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ସୂଚନା ଆଉ ପ୍ରଯୁକ୍ତି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ସଂସଦ୍ ମୌସୁମୀ ଅଧିବେଶନ ଏନ୍‌ଏସ୍‌ଡି

ସଂସଦ୍ ମୌସୁମୀ ଅଧିବେଶନ୍‌ର ପହେଲା ଖେପ୍ ଗଲାକାଏଲ୍ ଶେଷ୍ ହେଇଛେ । ଇ ଅଧିବେଶନ୍‌ର ୩୧ ଟା କାର୍ଯ୍ୟଦିବସ୍ ଭିତ୍‌ରୁ ୨୧ ଦିନ୍ ବୈଠକ୍ ହେଇଥିଲା । ଇ ସମିଆଥି ଭିନ୍ ଭିନ୍ ବିଷେକେ ନେଇକରି ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଭିତ୍‌ରେ ଲୋକ୍‌ସଭା ନ ୧୨ ଟା ଆଉ ରାଜ୍ୟସଭା ନ ୧୫ ଟା ବିଲ୍ ଗୃହିତ ହେଇଛେ ।

କେନ୍ଦ୍ର କୃଷିମନ୍ତ୍ରୀ -ସମୀକ୍ଷା I&PR

ପ୍ରଧାନ୍‌ମନ୍ତ୍ରୀ କୃଷି ସିଂଚାଇ ଯୋଜ୍‌ନାର୍ ୨ ନମ୍ବର୍ ଖେପ୍‌ଥି ଜଳବିଭାଜିକା ଅଧୀନ୍‌ଥି ପାଣ୍ଠି ବେଭାର୍ କର୍‌ବାର୍ ଦିଗେ ଓଡ଼ିଶା ସାରା ଦେଶେ ଭଲ୍ ପ୍ରଦର୍ଶନ୍ କରିଥିବାର୍‌ନୁ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ୍ ସିଂ ଚୌହାନ୍ ପ୍ରଶଂସା କରିଛନ୍ । ଗଲାକାଏଲ୍ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ଜଲ ବିଭାଜିକା - ପ୍ରଧାନ୍‌ମନ୍ତ୍ରୀ କୃଷିସିଂଚାଇ ଯୋଜ୍‌ନାର୍ କାମ୍ କାଜ୍‌ର ଆଭାସୀ ଜରିଏ ସମୀକ୍ଷା କରିକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ୍ ରାଜ୍ୟକେ ପ୍ରଶଂସା କରିଛନ୍ । ଯୋଜ୍‌ନାଥି ଅନୁମୋଦିତ ପାଣ୍ଠିର୍ ୮୩ ପ୍ରତିଶତ୍ ଓଡ଼ିଶା ବେଭାର୍ କରିଛେ । ବୈଠକ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ରାଜ୍ୟର୍ ଭିନ୍ ଭିନ୍ ତଥ୍ୟ ଉପସ୍ଥାପନ୍ କରିଥିଲେ ।

ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ I&PR

ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରିଛନ୍ । ‘ଆଝିରର୍ ନକ୍ଷତ୍ରଦର୍ଶୀ

ଆଏବାକାଲିର୍ ମହାକାଶ୍‌ଚାରୀ ଶୀର୍ଷକ୍'ଥି ଇ ସଂସ୍କରଣ୍ ମୁଲ୍ କରାଯାଇଛେ । କାର୍ଯ୍ୟକ୍ରମ୍ ଜରିଏ ଭିନ୍ ଭିନ୍ ଜିଲ୍ଲା ଆଉ ବ୍ଲକ୍‌ସ୍ତର୍‌ନୁ ୬ ନୁ ୧୦ ଶ୍ରେଣୀ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ବିଜ୍ଞାନ୍‌ଭିତିକ ପ୍ରଶ୍ନୋତର୍ ପ୍ରତିଯୋଗିତା କରାଯିବା । ସେନୁ ବଛା ହେଇକରି ଛାତ୍ରଛାତ୍ରୀମାନେ ଭାରତୀୟ ମହାକାଶ୍ ଗବେଷଣା ସଂସ୍ଥାନ୍‌କେ ଯାଇକରି ସିଧାସଲଖ୍ ମହାକାଶ୍ ବିଜ୍ଞାନ୍ ବାବ୍‌ଦେ ଶିଖିପାର୍‌ବେ ।

ନୂଆଁ ଏନ୍‌ଏସି ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୩୧ ତାରିଖ୍ ସ୍ୱାୟତ ଶାସନ୍ ଦିବସ୍ ଅବ୍‌ସରେ ରାଜ୍ୟ ସର୍‌କାର୍ ଆଉ ୯ ଟା ନୂଆଁ ବିଜ୍ଞପିତ ଅଂଚଳ ପରିଷଦ୍-ଏନ୍‌ଏସି ଘୋଷ୍‌ନା କର୍‌ବେ ବଲି ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ସେ କହିଛନ୍, ସହରୀକରଣ୍ ଅଭିବୃଦ୍ଧି ଦିଗେ ଅଲ୍‌ଗା ରାଜ୍ୟମାନ୍‌କର୍ ଅପେକ୍ଷା ଓଡ଼ିଶା ବହୁତ୍ ପଛେ ଅଛେ । ଇତାକେ ନଜର୍‌ଥି ରଖିକରି ଆଉ ରାଏଜେ ସହରୀକରଣ୍ ବଢ଼ାବାର୍ ଲାଗି ୨୧ ଟା ଏନ୍‌ଏସି ଗଠନ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ଘୋଷ୍‌ନା କରିଥିଲେ । ତାର୍‌ଭିତ୍‌ରୁ ୧୨ ଟା ଏନ୍‌ଏସି ଗଠନ୍ ନେଇକରି ବିଜ୍ଞପ୍ତି ବାହାରି ସାରିଛେ ବଲି ମନ୍ତ୍ରୀ ଡକ୍ଟର୍ ମହାପାତ୍ର କହିଛନ୍ ।

ପର୍ଯ୍ୟଟନ୍ ବିଭାଗ୍ -ରାଜିନାମା I&PR

ଓଡ଼ିଶାର୍ ପର୍ଯ୍ୟଟନ୍‌ର ବିକାଶ୍, ଐତିହ୍ୟର୍ ସଂରକ୍ଷଣ୍ ଆଉ ପର୍ଯ୍ୟଟନ୍ ବିବିଧତାକେ ବିଶ୍ୱସ୍ତରେ ପୁହୁଁଚାବାର୍ ଲକ୍ଷ୍ୟଥି ରାଜ୍ୟ ପର୍ଯ୍ୟଟନ୍ ବିଭାଗ୍ ୩ ଟା ରାଜିନାମା ସ୍ୱାକ୍ଷର୍ କରିଛେ । ଆଇଆଇଟି ମାଡ୍ରାସ୍, ଗୋଆ ନ ଥିବା ଜାତୀୟ ଜଳ କ୍ରୀଡ଼ା ପ୍ରତିଷ୍ଠାନ୍ ଆଉ ଅନ୍ତର୍ଜାତୀୟ ବୁଦ୍ଧ ଧର୍ମ ଫାଉଣ୍ଡେସନ୍ ଭିତ୍‌ରେ ଇ ୩ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା ଆଉ ଅଲ୍‌ଗା ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଅନ୍‌ଲାଇନ୍ ଗେମିଂ କଲାହାଣ୍ଡି ସମ୍ବାଦଦାତା

ସଂସଦ୍ ନ ଗଲାକାଏଲ୍ ଅନ୍‌ଲାଇନ୍ ଗେମିଂ ପ୍ରସାର ଆଉ ନିୟନ୍ତ୍ରଣ ବିଧେୟକ୍-୨୦୨୫ ପାରିତ୍ ହେଇଛେ । ଇ ବିଲ୍ କ୍ରୀଡ଼ା ଆଉ ଅନ୍‌ଲାଇନ୍ ସାମାଜିକ୍ ଖେଲ୍‌କେ ତହଁକାବାର୍ ସହେତେ ଆର୍ଥିକ୍ କାରବାର, ବିଜ୍ଞାପନ୍ ବାଗିର୍ ଜିନିଷ୍‌ନୁ ଲୁକ୍‌କୁ ସୁରକ୍ଷା ଦେବା । ବିଲ୍‌କେ ସ୍ୱାଗତ୍ କରିକରି କଲାହାଣ୍ଡିର୍ ବରିଷ୍ଠ ସାମ୍ବାଦିକ୍ ସନ୍ତୋଷ୍ ସିଂହଦେଓ କହିଛନ୍....

(ଭଏସ୍ ଓଭର୍- ସନ୍ତୋଷ୍ ସିଂହଦେଓ)

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ହେଇଥିବା ଲଘୁଚାପ୍ ବଲେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ସମ୍ବଲ୍ପୁର୍, ସୁନ୍ଦର୍ଗଡ଼୍, ଝାର୍ସୁଗୁଡ଼ା, ଦେବ୍ଗଡ଼୍, ବର୍ଗଡ଼୍ ସହେତେ ରାଜ୍ୟର ୧୫ ଟା ଜିଲ୍ଲା ନ ଘଡ଼୍ଘଡ଼ି ସାଙ୍ଗେ ଜବର୍ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ ।

ସେଆଡ଼େ ଉତର୍ ପଶ୍ଚିମ ବଙ୍ଗୋପସାଗର ଆଉ ତାର୍ ପାଖର୍ ଉତର୍ ଓଡ଼ିଶା ଆଉ ଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପ୍ରେ ଗୁଟେ ଘୂର୍ଣ୍ଣିବଳୟ ରହିଛେ । ଇତାର୍ ପ୍ରଭାବ୍ଥି ସେହି ଜାଗା ନ ଆଏବା ୨୫ ତାରିଖ୍ ବେଲ୍କେ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍ବାର୍ ସମ୍ଭାବନା ରହିଛେ ବଲି ପାଣିପାଗ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆଯାଇଛେ ।